**ରାଜ୍ୟ ଅର୍ଥ କମିଶନ**

**ଓଡିଶା ସରକାର**

**ଅର୍ଥ ବିଭାଗ**

****

**ସଂଖ୍ୟା** ୨୩୧୬ **/ଏସ୍.ଏଫ୍.ସି. ତା.** 7.2.25

**ପ୍ରେରକ**

**ଡ. ସତ୍ୟପ୍ରିୟ ରଥ , ଭା.ପ୍ର.ସେ,**
**ସଦସ୍ୟ ସଚିବ**

**ପ୍ରାପ୍ତେଷୁ,**

**ମାନନୀୟ/ମାନନୀୟା ସମସ୍ତ ମେୟର/ଅଧ୍ୟକ୍ଷା/ଅଧ୍ୟକ୍ଷ,**
**ମହାନଗର ନିଗମ/ପୌର ପାଳିକା/ବିଜ୍ଞାପିତ ଅଂଚଳ ପରିଷଦ**

**ବିଷୟ :** **ଓଡିଶା ଅର୍ଥ କମିଶନଙ୍କୁ ସ୍ମାରକ ପତ୍ର ପ୍ରଦାନ ।**

**ମହାଶୟା/ମହାଶୟ,**

ଓଡିଶାର ମାନ୍ୟବର ରାଜ୍ୟପାଳ ସମ୍ବିଧାନର ଧାରା 243-I ଓ 243-Y ଅନୁସାରେ ଷଷ୍ଠ ଓଡିଶା ଅର୍ଥ କମିଶନ ଗଠନ କରିଛନ୍ତି । ଏହି କମିଶନ ଲୋକସେବା ଭବନ, ଅର୍ଥ ବିଭାଗର ସଂଲଗ୍ନ କୋଠାରେ କାର୍ଯ୍ୟ କରୁଅଛି । ଏହି କମିଶନ ପୌରସଂସ୍ଥା ମାନଙ୍କ ଉପରେ ନ୍ୟସ୍ତ ମୌଳିକ କାର୍ଯ୍ୟକଳାପ ପରିପ୍ରେକ୍ଷୀରେ ସେମାନଙ୍କ ଆର୍ଥିକ ସ୍ଥିତିର ସମୀକ୍ଷା କରି ଉକ୍ତ ସଂସ୍ଥା ମାନଙ୍କର ଆର୍ଥିକ ଅବସ୍ଥାର ଉନ୍ନତି ନିମନ୍ତେ ସୁପାରିଶ କରିବେ । ଏହି ସୁପାରିଶ କରିବା ସମୟରେ, କମିଶନ ରାଜ୍ୟ ସରକାରଙ୍କ ମୋଟ ରାଜସ୍ୱ ସମ୍ବଳ ପରିପ୍ରେକ୍ଷୀରେ ସାଧାରଣ ପ୍ରଶାସନ, ପୋଲିସ ଓ ବିଚାରବିଭାଗ, ଶିକ୍ଷା, ସରକାରୀ ସମ୍ପତ୍ତିର ରକ୍ଷଣା ବେକ୍ଷଣ, ସାମାଜିକ କଲ୍ୟାଣ, ଋଣ ପରିଶୋଧ ଆଦି ନିମନ୍ତେ ଆବଶ୍ୟକୀୟ ନିଶ୍ଚିତ ବ୍ୟୟଭାର ବିଚାରକୁ ନେବେ ଏବଂ ଏଥି ସହିତ ପୌର ସଂସ୍ଥା ଗୁଡିକ ଉପରେ ନ୍ୟସ୍ତ ଦାୟିତ୍ୱ ଓ ସେଗୁଡିକର ରୂପାୟନ ନିମନ୍ତେ ୨୦୨୬ ମସିହା ଏପ୍ରିଲ ପହିଲାରୁ ପରବର୍ତ୍ତୀ ପାଞ୍ଚ ବର୍ଷ ପାଇଁ ଆବଶ୍ୟକୀୟ ପାଣ୍ଠି, ଅଧିକ ସମ୍ବଳ ସଂଗ୍ରହର ଆବଶ୍ୟକତା ଓ ପରିସର, ଆର୍ଥିକ ପ୍ରଶାସନର ସୁଦୃଢୀକରଣ ତଥା ସେବା ପ୍ରଦାନ କ୍ଷେତ୍ରରେ ଦକ୍ଷତା ବୃଦ୍ଧି ଓ ଅଧିକ ସମ୍ବଳ ସଂଗ୍ରହକୁ ପ୍ରୋତ୍ସାହିତ କରିବା ଆଦି ଅନ୍ୟାନ୍ୟ ଆନୁସଙ୍ଗିକ ବିଷୟ ବିଚାରକୁ ନେବେ । ନିମ୍ନଲିଖିତ ବିଷୟ ଉପରେ ନୀତି ନିର୍ଦ୍ଧାରଣ ପୂର୍ବକ କମିଶନ ତାଙ୍କ ରିପୋର୍ଟ ଉପସ୍ଥାପନ କରିବେ ।

(କ) ରାଜ୍ୟ ସରକାର କର, ଶୁଳ୍କ ଓ ଫିସ୍ ଆଦି ସୂତ୍ରରୁ ଆଦାୟ କରୁଥିବା ନିଟ୍ ଅର୍ଥ ରାଜ୍ୟ ସରକାର ଓ ପୌର ସଂସ୍ଥା ମାନଙ୍କ ମଧ୍ୟରେ ଆବଣ୍ଟନ ଏବଂ ପୌର ସଂସ୍ଥା ମାନଙ୍କ ପାଇଁ ମୋଟ ଅର୍ଥ ରାଶିରେ ପ୍ରତ୍ୟେକ ସ୍ତରର ଅଂଶ ନିର୍ଣ୍ଣୟ ।

(ଖ) ପୌର ସଂସ୍ଥା ମାନଙ୍କ ଦ୍ୱାରା ଆଦାୟ ଯୋଗ୍ୟ ହୋଇଥିବା ବା ଉକ୍ତ ସଂସ୍ଥାମାନଙ୍କୁ ସମ୍ପୂର୍ଣ୍ଣ ପ୍ରାପ୍ୟ ହେବାଭଳି କର, ଶୁଳ୍କ ଓ ଫିସ୍ ଆଦି ନିର୍ଣ୍ଣୟ ।

(ଗ) ରାଜ୍ୟ ସରକାର ସଂଗଠିତ ପାଣ୍ଠିରୁ ପୌର ସଂସ୍ଥା ନିମନ୍ତେ ଅନୁଦାନ ପ୍ରଦାନ ।

ଏତଦ୍ ବ୍ୟତୀତ ପୌର ସଂସ୍ଥା ମାନେ କିଭଳି ନିଜସ୍ୱ ଆୟ ବୃଦ୍ଧି କରିପାରିବେ ଓ ଲବ୍ଧ ଆୟର କିଭଳି ସଦୁପଯୋଗ କରାଯାଇ ପାରିବ ସେ ବିଷୟରେ ମଧ୍ୟ କମିଶନ ସୁପାରିସ କରିବେ ।

ଯେହେତୁ କମିଶନଙ୍କୁ ସ୍ୱଳ୍ପ ସମୟର ଅବଧି ମଧ୍ୟରେ ତାଙ୍କର ରିପୋର୍ଟ ପ୍ରଦାନ କରିବାକୁ ପଡିବ, ଏହି ପତ୍ର ମାଧ୍ୟମରେ ଆପଣ ମାନଙ୍କୁ ଅନୁରୋଧ କରାଯାଉଛି କି, ପୌର ସଂସ୍ଥା ମାନଙ୍କର କାର୍ଯ୍ୟଧାରା, ପୌର ସଂସ୍ଥା ମାନଙ୍କୁ ହସ୍ତାନ୍ତରିତ ହୋଇଥିବା ପାଣ୍ଠି, କାର୍ଯ୍ୟ ଓ କର୍ମଚାରୀ, ଅନ୍ୟାନ୍ୟ ବାଧ୍ୟତାମୂଳକ କାର୍ଯ୍ୟର ରୂପାୟନ ତଥା ଅଧିକ ସମ୍ବଳ ସଂଗ୍ରହ ବାବଦରେ ଆପଣଙ୍କର ସୁଚିନ୍ତିତ ପରାମର୍ଶ ସ୍ମାରକ ପତ୍ର ମାଧ୍ୟମରେ ତା-୩୧.୦୩.୨୦୨୫ରିଖ ସୁଦ୍ଧା ନିମ୍ନ ଠିକଣାରେ ପଠାଇବେ ।

ଆପଣଙ୍କର ବିଶ୍ୱସ୍ତ

(signature) 24/3/25

(ଡ. ସତ୍ୟପ୍ରିୟ ରଥ)

(ସଦସ୍ୟ ସଚିବ)


ଠିକଣା

**ସଦସ୍ୟ ସଚିବ, ଓଡିଶା ଅର୍ଥ କମିଶନ**

**ଅର୍ଥ ବିଭାଗ ସଂଲଗ୍ନ କୋଠା, ଲୋକସେବା ଭବନ , ଭୁବନେଶ୍ୱର,**

Email-odisha6thsfc@gmail.com